# NATIONAL NEWS BULLETIN (ODIA)

## 13th May' 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ନୀଟ୍ ସ୍ନାତକ-୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାର ତଦନ୍ତ ଆରମ୍ଭ କରି ମାମଲା ରୁଜୁ କଲା ସି.ବି.ଆଇ. ।

- ଦେଶବ୍ୟାପୀ ଅଦାଲତଗୁଡ଼ିକର ଆଧୁନିକୀକରଣ ନିମନ୍ତେ ବ୍ଲୁ-ପ୍ରିଣ୍ଟ୍ ପ୍ରସ୍ତୁତ କରିବା ଲାଗି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ଘୋଷଣା ।

- ତାମିଲନାଡୁର ନବନିର୍ବାଚିତ ଟି.ଭି.କେ. ସରକାର ବିଧାନସଭାରେ ଆଜି ପ୍ରମାଣ କରିବେ ନିଜର ସଂଖ୍ୟାଗରିଷ୍ଠତା ।

- ମହାରାଷ୍ଟ୍ରରେ ଏକ ଧାର୍ମିକ ସମାରୋହରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୬ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ।

ଏବଂ

- ଆଇ.ପି.ଏଲ୍.ର ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୮୨ ରନ୍‌ରେ ପରାସ୍ତ କଲା ଗୁଜରାଟ୍ ଟାଇଟନ୍‌ସ ।

## ସି.ବି.ଆଇ. - ନୀଟ୍ କେସ୍

ନୀଟ୍ ସ୍ନାତକ-୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ଘଟଣାର ତଦନ୍ତ ଭାର ହାତକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସି.ବି.ଆଇ. ଏକ ମାମଲା ରୁଜୁ କରିଛି । ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ଦିଆଯାଇଥିବା ଅଭିଯୋଗ ଭିତ୍ତିରେ ଏହି ମାମଲା ରୁଜୁ ହୋଇଛି ବୋଲି ସି.ବି.ଆଇ. ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି । ସି.ବି.ଆଇ. କହିଛି. ପରୀକ୍ଷାରେ ହୋଇଥିବା ଅନିୟମିତତା ଏବଂ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ସମେତ ଏହି ଘଟଣାରେ କୌଣସି ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ପ୍ରମାଣ ନଷ୍ଟ କରିବା ତଥା ସାର୍ବଜନୀନ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ନିବାରଣ ଆଇନ-୨୦୨୪ ଅନୁସାରେ ତଦନ୍ତ କରାଯିବ । ସି.ବି.ଆଇ. ପକ୍ଷରୁ ଏଥିଲାଗି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ କରିବା ଲାଗି ବିଭିନ୍ନ ସ୍ଥାନକୁ ପଠାଯାଇଛି ବୋଲି ଏହି ବିବୃତ୍ତିରେ କୁହାଯାଇଛି । ଚଳିତ ମାସ ୩ ତାରିଖରେ

ଏନ୍.ଟି.ଏ. ପକ୍ଷରୁ ନୀଟ୍ ସ୍ନାତକ-୨୦୨୬ ପରୀକ୍ଷା ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିଲା ।

ଅନ୍ୟପକ୍ଷରେ ଏହି ଘଟଣାରେ ରାଜସ୍ଥାନ ପୁଲିସ୍ ୧୫ ଜଣଙ୍କୁ ଅଟକ ରଖିଛି । ଏହି ଘଟଣାର ମୁଖ୍ୟ ଜୟପୁରର ମନୀଶ ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ରଶ୍ନପତ୍ର ପ୍ରଘଟ ଘଟଣାର ନେଟ୍‌ୱାର୍କ କେତେଦୂର ବ୍ୟାପିଛି ଏବଂ ଏଥିରେ ହୋଇଥିବା ଆର୍ଥିକ କାରବାର ସମ୍ପର୍କରେ ପୁଲିସ୍ ତଦନ୍ତ କରୁଛି ।

## ଏସ୍.ସି. - କୋର୍ଟ ମଡର୍ଣ୍ଣାଇଜେସନ୍

ଦେଶବ୍ୟାପୀ ଅଦାଲତଗୁଡ଼ିକର ଆଧୁନିକୀକରଣ ନିମନ୍ତେ ଏକ ବ୍ଲୁ-ପ୍ରିଣ୍ଟ୍ ପ୍ରସ୍ତୁତ କରିବା ଲାଗି ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ଲାଗି ଘୋଷଣା କରିଛନ୍ତି । ସର୍ବୋଚ୍ଚ ଅଦାଲଦର ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର ବିଚାର ବିଭାଗୀୟ ଭିତ୍ତିଭୂମି ପରାମର୍ଶଦାତା କମିଟିର ଅଧ୍ୟକ୍ଷ ରହିଛନ୍ତି । ଏହି କମିଟିରେ ଅନ୍ୟମାନଙ୍କ ମଧ୍ୟରେ କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦେବାଂଶୁ ବସାକ୍, ପଞ୍ଜାମ-ହରିୟାଣା ହାଇକୋର୍ଟର ବିଚାପତି ଜଷ୍ଟିସ୍ ଅଶ୍ୱନୀ କୁମାର ମିଶ୍ରା ଏବଂ ବମ୍ବେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସୋମାଶେଖର ସୁନ୍ଦରେସାନ୍ ସଦସ୍ୟ

ଅଛନ୍ତି । ଏତଦ୍‌ବ୍ୟତୀତ ସୁପ୍ରିମ୍‌କୋର୍ଟର ସେକ୍ରେଟାରୀ ଜେନେରାଲ୍ ଏବଂ କେନ୍ଦ୍ରୀୟ ପୂର୍ତ୍ତ ବିଭାଗର ମହାନିର୍ଦ୍ଦେଶକ ମଧ୍ୟ ଏହି କମିଟିରେ ସଦସ୍ୟ ଭାବେ କାର୍ଯ୍ୟ କରିବେ । ଏହି କମିଟି ଦେଶବ୍ୟାପୀ ବିଭିନ୍ନ ଅଦାଲତରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆବଶ୍ୟକ ହେଉଥିବା ସରକାରୀ ଆର୍ଥିକ ସହାୟତା ଆକଳନ କରିବେ ।  ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଏ ସମ୍ପର୍କିତ ରିପୋର୍ଟ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦର ସଦସ୍ୟ ସଞ୍ଜୀବ ସାନ୍ୟାଲଙ୍କୁ କମିଟି ପ୍ରଦାନ କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି ।

## ଜିତେନ୍ଦ୍ର - ପେନ୍‌ସନ୍ ଅଦାଲତ

ଷୋଡ଼ଶ ପେନ୍‌ସନ ଅଦାଲତ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଅନୁଷ୍ଠିତ ହେବ । କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ଅଦାଲତରେ ଅଧ୍ୟକ୍ଷତା କରିବେ । ୩୭ଟି ମନ୍ତ୍ରଣାଳୟ ଏବଂ ବିଭାଗରେ ବହୁଦିନରୁ ପଡ଼ିରହିଥିବା ୯୮୫ଟି ପେନ୍‌ସନ୍ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆଜି ଏହି ଅଦାଲତରେ ସମାଧାନ କରାଯିବ । ପେନ୍‌ସନ୍ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୨୦୧୭ ମସିହାରୁ ବହୁଦିନରୁ ପଡ଼ି ରହିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପେନ୍‌ସନ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରିବା ଦିଗରେ

ପେନ୍‌ସନ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୫ଟି ପେନ୍‌ସନ ଅଦାଲତ ମାଧ୍ୟମରେ ପ୍ରାୟ ୨୮ ହଜାର ଅଭିଯୋଗର ବିଚାର କରାଯାଇ ୨୦ ହଜାରରୁ ଊର୍ଦ୍ଧ୍ୱ ମାମଲାର ତତ୍କାଳନ ସମାଧାନ କରାଯାଇଛି । ଫଳରେ ପେନ୍‌ସନ ଅଦାଲତରେ ସଫଳତାର ହାର ୭୧ ପ୍ରତିଶତରୁ ଊର୍ଦ୍ଧ୍ୱ ବୋଲି ବିଭାଗ କହିଛି ।

## ଟି.ଏନ୍. - ଫ୍ଲୋର ଟେଷ୍ଟ

ତାମିଲନାଡୁର ନବନିର୍ବାଚିତ ଟି.ଭି.କେ. ସରକାର ଆଜି ବିଧାନସଭାରେ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବେ । ଏଥିଲାଗି ସମର୍ଥନ ଯୋଗାଡ଼ କରିବାକୁ ମୁଖ୍ୟମନ୍ତ୍ରୀ ସି. ଯୋଶେଫ୍ ବିଜୟ' ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଛନ୍ତି । ସରକାର ଗଠନ ଲାଗି ପୂର୍ବରୁ କେତେକ ରାଜନୈତିକ ଦଳ ଟି.ଭି.କେ.କୁ ସମର୍ଥନ କରିଥିଲେ । ଏତଦ୍‌ବ୍ୟତୀତ ଏ.ଆଇ.ଡି.ଏମ୍.କେ.ର କେତେକ ବିଧାୟକଙ୍କ ସମେତ ଏ.ଏମ୍.ଏମ୍.କେ.ର ଏକମାତ୍ର ବିଧାୟକ ଏସ୍. କାମରାଜ ମଧ୍ୟ ଟି.ଭି.କେ.କୁ ସମର୍ଥନ ଦେବା ଲାଗି ସମ୍ମତି ପ୍ରଦାନ କରିଥିବା ଜଣାଯାଇଛି । ଟି.ଭି.କେ. ନିକଟରେ ବର୍ତ୍ତମାନ ବିଧାନସଭାରେ ପ୍ରାୟ ୧୫୦ ଜଣ ବିଧାୟକଙ୍କ ସମର୍ଥନ ଥିବା ଜଣାଯାଇଛି । ଇତିମଧ୍ୟରେ ଟି.ଭି.କେ. ସରକାରଙ୍କୁ ସମର୍ଥନ ଦେବା

ପ୍ରସଙ୍ଗରେ ଏ.ଆଇ.ଏ.ଡି.ଏମ୍.କେ. ଦଳ ଦୁଇଭାଗରେ ବିଭକ୍ତ ହୋଇଥିବା ଜଣାଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସାଧାରଣ ସମ୍ପାଦକ ଏଡ଼ାପାଡ଼ି କେ. ପାଲାନିସ୍ୱାମୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଟି.ଭି.କେ. ସରକାରକୁ ସମର୍ଥନ ନ ଦେବାଲାଗି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।

## ମାଣ୍ଡବୀୟ - ସି.ଆଇ.ଆଇ.

ସରକାର ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଦିଗରେ ଅନେକ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବୀୟ ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ସି.ଆଇ.ଆଇ. ପକ୍ଷରୁ ଅନୁଷ୍ଠିତ ପରବର୍ତ୍ତୀ ପିଢ଼ି ଶ୍ରମ ସଂସ୍କାର-ଶିଳ୍ପ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ସମ୍ପର୍କିତ ପ୍ରସଙ୍ଗରେ ନିଜର ମତ ରଖି ସେ ଏହା କହିଛନ୍ତି । ଶ୍ରୀ ମାଣ୍ଡବୀୟ କହିଛନ୍ତି, ଶ୍ରମିକମାନଙ୍କ କ୍ଷେତ୍ରରେ ସରକାର ଶିଳ୍ପଗୁଡ଼ିକ ଉପରୁ ବୋଝ ହ୍ରାସ କରିବା ଉଦ୍ଦେଶ୍ୟରେ ପ୍ରଚେଷ୍ଟା ଜାରି ରଖିଛନ୍ତି । ପ୍ରାୟ ୧୦ ବର୍ଷ ପୂର୍ବେ ଦେଶରେ ୨୯ କୋଟି ଶ୍ରମିକ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ୍ ହୋଇଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୯୪ କୋଟିରେ ପହଞ୍ଚିଛି । ନୂତନ ଶ୍ରମ ଆଇନ ଉପରେ ଆଲୋକପାତ କରି ଶ୍ରୀ ମାଣ୍ଡବୀୟ କହିଛନ୍ତି, ଦେଶରେ ଉଭୟ ଶ୍ରମକୈନ୍ଦ୍ରିକ ଏବଂ ଶିଳ୍ପକୈନ୍ଦିକ ସଂସ୍କାର କାର୍ଯ୍ୟକାରୀ କରାଯାଇଛି ।

ଗରିବ ଓ ଚାଷୀମାନଙ୍କର ହିତରେ କାର୍ଯ୍ୟ କରିବା ସହିତ ଶିଳ୍ପ ଅଭିବୃଦ୍ଧି ଲାଗି ଆବଶ୍ୟକ ପଦକ୍ଷେପ ନେବା ଦିଗରେ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ମାଣ୍ଡବୀୟ ମତବ୍ୟକ୍ତ କରିଛନ୍ତି ।

## ପୁରି - ସି.ଆଇ.ଆଇ.

ପଶ୍ଚିମ ଏସିଆ ବିବାଦକୁ ଦୃଷ୍ଟିରେ ରଖି ଭାରତ ଦୈନିକ ଘରୋଇ ଏଲ୍.ପି.ଜି. ଉତ୍ପାଦନ ପ୍ରାୟ ୧୮ ହଜାର ଟନ୍ ବୃଦ୍ଧି କରିଛି। ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରି ନୂଆଦିଲ୍ଲୀଠାରେ ସି.ଆଇ.ଆଇ. ବାର୍ଷିକ ବ୍ୟବସାୟିକ ସମ୍ମିଳନୀ-୨୦୨୬ରେ ଉଦ୍‌ବୋଧନ ଦେଇ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାରତ ଦୈନିକ ଘରୋଇ ଏଲ୍.ପି.ଜି. ଉତ୍ପାଦନ ୩୬ ହଜାର ଟନ୍‌ରୁ ୫୪ ହଜାର ଟନ୍‌କୁ ବୃଦ୍ଧି କରିଛି। ସାମ୍ପ୍ରତିକ ସ୍ଥିତିରେ ଗତ କିଛି ମାସ ଧରି ବିଶ୍ୱର ଅନେକ ରାଷ୍ଟ୍ରରେ ତୈଳ ସଂକଟ ଦେଖା ଦେବା ସହିତ ଏହାର ମୂଲ୍ୟ ଆକାଶଛୁଆଁ ହୋଇଥିବା ବେଳେ ଭାରତରେ ଏହାର ତୁଳନାତ୍ମକ ଘରୋଇ ମୂଲ୍ୟ ସ୍ଥିର ରହିଛି। ଏ ଦିଗରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିହିତ ପଦକ୍ଷେପ ଯୋଗୁଁ ବର୍ତ୍ତମାନ ଦେଶରେ ୬୦ ଦିନ ଲାଗି ଅଶୋଧିତ ତୈଳ ଓ ଏଲ୍.ଏନ୍.ଜି.ର ବଫର ଷ୍ଟକ୍ ରହିଥିବା ବେଳେ ଏଲ୍.ପି.ଜି.ର ଷ୍ଟକ୍ ୪୫ ଦିନ ଲାଗି ଗଚ୍ଛିତ ରହିଛି। ତେଣୁ ଦେଶରେ ଏ

କ୍ଷେତ୍ରରେ ତୁରନ୍ତ କୌଣସି ଅଭାବ ପରିଲକ୍ଷିତ ହେବାର ସମ୍ଭାବନା ନାହିଁ। ଏହି ଅବସରରେ ଏଲ୍.ପି.ଜି.ରୁ ଏଲ୍.ଏନ୍.ଜି.କୁ ପରିବର୍ତ୍ତନ କରିବା ସହିତ ଏକ ସବୁଜ ଶକ୍ତି ଦେଶଭାବେ ଭାରତକୁ ଗଢ଼ି ତୋଳିବା ଦିଗରେ ମିଳିତ ପ୍ରୟାସ କରିବା ଲାଗି ଶ୍ରୀ ପୁରୀ ଶିଳ୍ପଦ୍ୟୋଗୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

## **ଟ୍ରମ୍ପ-ଷି ବେଜିଂ** କମିଟି

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତିନିଦିନିଆ ଚୀନ ଗସ୍ତରେ ଯାଇ ଆଜି ବେଜିଂରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି । ଡୋନାଲ୍ଡ ଟ୍ରମ୍ପ୍ ଏବଂ ତାଙ୍କର ଚୀନ ପ୍ରତିପକ୍ଷ ଷି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଏହି ଅବସରରେ ହେବାକୁ ଥିବା ବୈଠକରେ ଦ୍ୱିପକ୍ଷୀୟ ସମ୍ପର୍କ ପ୍ରସଙ୍ଗରେ ମତ ବିନିମୟ ହେବ । ତେବେ ଏହି ବୈଠକରେ ବାଣିଜ୍ୟ କାରବାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ଟ୍ରମ୍ପ୍ ପୂର୍ବରୁ ସୂଚନା ଦେଇସାରିଛନ୍ତି । ୨୦୧୭ ମସିହା ପରଠାରୁ ଏହା ହେଉଛି ଆମେରିକା ରାଷ୍ଟ୍ରପତିଙ୍କ ପ୍ରଥମ ଚୀନ୍ ଗସ୍ତ । ଏଥିସହିତ ଟ୍ରମ୍ପ୍ ଏବଂ ଷି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଏହା ହେଉଛି ସପ୍ତମ ଦ୍ୱିପକ୍ଷୀୟ ବୈଠକ ।

ଚୀନ ଗସ୍ତ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ଏହି ଗସ୍ତର ସକାରାତ୍ମକ ଦିଗ ଉପରେ ଆଲୋକପାତ କରିଛନ୍ତି ।

ଚୀନବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ଏକ ବାର୍ତ୍ତାରେ ସେ କହିଛନ୍ତି, ତାଙ୍କର ଏହି ଗସ୍ତଦ୍ୱାରା ଆଗାମୀ ଦଶନ୍ଧି ଧରି ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଧିକ ସଶକ୍ତ ହୋଇପାରିବ ।

## ମହା-ୱାଲ୍ କୋଲାପ୍ସ

ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲା ଅନ୍ତର୍ଗତ ଜାଟ ତହସିଲ୍‌ରେ ଗତକାଲି ଧାର୍ମିକ ସମାରୋହ ଅନୁଷ୍ଠିତ ହେବା ସମୟରେ ଏକ କାନ୍ଥ ଭୁଶୁଡ଼ି ପଡ଼ିବାର ୬ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଏହି ଧାର୍ମିକ ଅନୁଷ୍ଠାନରେ ୩୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ । ତେବେ ହଠାତ୍ ପ୍ରବଳ ଝଡ଼ବର୍ଷା ହେବା ଯୋଗୁଁ ପ୍ରାୟ ୩୦ ଜଣ ଶ୍ରଦ୍ଧାଳୁ ସମ୍ପୃକ୍ତ କାନ୍ଥ ନିକଟରେ ଆଶ୍ରୟ ନେଇଥିବାବେଳେ ଏହା ଭୁଶୁଡ଼ି ପଡ଼ିଥିଲା । ଏହି ଦୁର୍ଘଟଣାରେ ଆହତ ପ୍ରାୟ ୧୫ ଜଣଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ହସ୍ପିଟାଲ୍ ଏବଂ ସାଙ୍ଗଲି ସିଭିଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଦୁର୍ଘଟଣାରେ ଶୋକବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ନିଜର ଗଭୀର ସମବେଦନା ଜଣାଇବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ’ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୮୨ ରନ୍‌ରେ ପରାସ୍ତ କରିଛି । ଅମହମ୍ମଦାବାଦରେ ଗତକାଲି ଅନୁଷ୍ଠିତ ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଗୁଜରାଟ ଟାଇଟନ୍‌ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୮ ରନ୍ କରିଥିଲା । ଦଳ ପକ୍ଷରୁ ସାଇ ସୁଦର୍ଶନ ୬୧ ଏବଂ ୱାଶିଂଟନ ସୁନ୍ଦର ୫୦ ରନ୍ କରିଥିଲେ । ସନ୍‌ରାଇଜର୍ସ ପକ୍ଷରୁ ପ୍ରଫୁଲ ହିଙ୍ଗେ ଓ ସାକିବ୍ ହୁସେନ୍ ୨ଟି ଲେଖାଏଁ ୱିକେଟ ନେଇଥିବାବେଳେ ଅଧିନାୟକ ପ୍ୟାଟ କ୍ୟୁମିନ୍‌ସ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ ।

୧୬୯ ରନ୍ ବିଜୟ ଲକ୍ଷ୍ୟର ପିଛା କରି ସନ୍‌ରାଇଜର୍ସ ହାଇଦ୍ରାବାଦ ୧୪ ଓଭର ୫ଟି ବଲ୍‌ରେ ମାତ୍ର ୮୬ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା । ଗୁଜରାଟ ଟାଇଟନ୍ସ ପକ୍ଷରୁ କାଗିସୋ ରାବାଡ଼ା ୩ଟି ୱିକେଟ୍ ଅକ୍ତିଆର କରିବା ସହ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହାଛଡ଼ା ଜାଶନ୍ ହୋଲ୍‌ଡର୍ ୩ଟି, ପ୍ରସିଦ୍ଧ କ୍ରିଷ୍ଣା ୨ଟି ଏବଂ ମହମ୍ମଦ ସିରାଜ ଓ ରସିଦ ଖାଁ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

ଆଜିର ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' କୋଲ୍‌କାତା ନାଇଟ୍ ରାଇଡର୍ସ ବିପକ୍ଷରେ ଖେଳିବ । ଏହି ମ୍ୟାଚ୍ ରାୟପୁରଠାରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

*****